## ଗାଡ଼ି ଧକ୍କାରେ ଜୀବନ ଗଲା

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ରାଇକଳା ଗ୍ରାମରେ ଗାଡି ଧକ୍କାରେ ବିକାଶ ନାଏକ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ସଦର ଥାନା ଅନ୍ତର୍ଗତ ବିସ୍ତାପାଳ ଗ୍ରାମରେ। ସେ ବାଇକ୍‌ରେ କନ୍ଦରପଡା ଗ୍ରାମରୁ ନିଜ ଘରକୁ ଫେରୁଥିବା ବେଳେ ରାଇକଳା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି।

### ସଂକ୍ଷେପରେ

## ନାଳ ପାର୍ ହେଉଥିବା ବେଳେ ବୁଡ଼ିଗଲେ

ଠାକୁରମୁଣ୍ଡା, ୨୪।୧୦ (ଡି.ଏନ.ଏ.)- ନାଳ ପାର୍ ହେଉଥିବା ବେଳେ ଶନିବାର ରାତିରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ କିରିକିଚିପାଳ ଗ୍ରାମର ଦାମୁ ବିନ୍ଧାଣି ବୁଡ଼ିଯାଇଛନ୍ତି। ସେ କୌଣସି କାମରେ ରାତି ପ୍ରାୟ ୯ଟା ବେଳେ ନୂଆକେଶଡିହା ଗ୍ରାମକୁ ଚାଲି ଚାଲି ଯାଇଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ନାଳରେ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପାଣିରୁ ମୃତଦେହ ବାହାର କରାଯାଇଥିଲା। ମହୁଲଡିହା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁ ହୋଇଛି।

## ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

ବାରିପଦା ଅଫିସ,୨୪।୧୦-ମୟୂରଭଞ୍ଜ ଜିଲା ବଡସାହି ଥାନା ଅଧୀନ ନିଶ୍ଚିନ୍ତପୁର ଠାରେ ବୁଢାବଳଙ୍ଗ ନଦୀ ଘାଟରୁ ରବିବାର ଏକ ବୃଦ୍ଧାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡିକାଲକୁ ପଠାଇଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଗୋପାଳ କର୍ଣ୍ଣ ପ୍ରକାଶ କରିଛନ୍ତି ।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବଡ଼ବିଲ, ୨୪।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି-ବଡ଼ବିଲ ମୁଖ୍ୟ ରାଜରାସ୍ତାର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ରବିବାର ମଧ୍ୟାହ୍ନରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ଚାଲିଚାଲି ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାରମ୍ବାର ବିଦ୍ୟୁତ ସରଞ୍ଜାମ ଚୋରି

ପାଟଣା,୨୪।୧୦(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟକୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଘଟଗାଁ ବ୍ଲକ ଟିକିରା ଗ୍ରୀଡ୍‌ରୁ ମୂଷାଖରୀକୁ ନିର୍ମାଣାଧୀନ ୩୩ କେଭି ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ବାରମ୍ବାର ବିଦ୍ୟୁତ ସରଞ୍ଜାମ ଚୋରି ହେଉଛି। ଗତ ଗୁରବାର ରାତିରେ ଦକ୍ଷିଣ ପଶି ନିକଟରୁ ୬ଟି ଲୁହା ଖୁଣ୍ଟ ଚୋରି କରିନେବା ଫଳରେ ଏହି ବିଦ୍ୟୁତ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଅନିଶ୍ଚିତତା ଦେଖା ଦେଇଛି। ଏନେଇ ପାଟଣା ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ପଦ୍ମକେଶରୀ ଜେନା ଉଭୟ ପାଟଣା ଓ ଘଟଗାଁ ଥାନାରେ ପୃଥକ ଏତଲା ଦେଇଛନ୍ତି।

## କଂଗ୍ରେସ କର୍ମୀ ସମ୍ମିଳନୀ

କେନ୍ଦୁଝର ୨୪।୧୦ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ସଦର ବ୍ଲକର କଂଗ୍ରେସ କର୍ମୀ ସମ୍ମିଳନୀ ବ୍ଲକ ସଭାପତି ଉତ୍ତମ କୁମାର ସାହୁଙ୍କ ଅଧକ୍ଷତାରେ ପଦ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଭାପତି ବିପ୍ଳବ ମିଶ୍ର ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜନ ସମର୍ଥନ ଥିବା ପ୍ରାର୍ଥୀଙ୍କୁ ଚୟନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ଦାସ, ରତ୍ନାକର ଜେନା, ପୟୋଧର ବେହେରା, ଲଳିତ ନାଏକ, ଦିନେଶ ରାଉତ, ଲମ୍ବୋଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୀରତୁନ୍ ନବୀ ଦିବସ

ଭଦ୍ରକ ଅଫିସ, ୨୪।୧୦
ଭଦ୍ରକ ପୁରୁଣାବଜାର ମଲିକ୍ ମଇଦାନ ଅହମଦିଆ ମୁସଲିମ୍ ଜମାତ୍ ମସ୍‌ଜିଦ୍ ପ୍ରାଙ୍ଗଣରେ ସୀରତୁନ୍ ନବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଦର ଜମାତ ସେକ୍ ଅବଦୁଲ କାଦରଙ୍କ ପୌରୋହିତ୍ୟରେ ଜଲସା ଅନୁଷ୍ଠିତ ହୋଇଥିଲା। ଏବର୍ଷ ମଧ ମହିଳା ଶାଖା ଲଜନାଇମାଇଲ୍ଲାର ମୁଖ୍ୟ ହୁସେନ୍ କମର ଜାହାଁ ଓ ଭଦ୍ରକ ବାଲେଶ୍ୱର ଜିଲାର ସଭାପତି ଅମତୁଲ ହପିଜ୍ ଫାଏଜାଙ୍କ ନେତୃତ୍ୱରେ ମାନବ ସେବା କନ୍ୟା ଆଶ୍ରମ ପଗଡ଼ ଓ ବାତ୍ସଲ୍ୟ ଗୃହରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସଭାରେ ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୀବନ ଚରିତ୍ର ଓ ମାନବ ସେବା ପ୍ରତି ତାଙ୍କର କରୁଣା ପ୍ରେମ, ଭାତୃଭାବ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ନାଏବ ଅମିର ସଙ୍ଗଠନର ଉପସଭାପତି ସେକ୍ ଗୋଲାମ ଅହେମ୍ମଦଙ୍କ ତତ୍ତ୍ୱାବଧାନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ପୋଲ ଥାଇ ବି ବାଉଁଶ ଚାର ଭରସା

ବନ୍ତ,୨୪।୧୦(ସ୍ୱ.ପ୍ର.)

- ଆପ୍ରୋଚ ରୋଡ୍ ନାହିଁ
- କାମରେ ଆସୁନି ଟିକିରା-ଶ୍ରୀରାମପୁର ସେତୁ

ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ମହିଷଗୋଠ ପଞ୍ଚାୟତର ଟିକିରା-ଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦୀ ନଦୀ ଉପରେ ନିର୍ମିତ ବିଜୁ ସେତୁ ଲୋକଙ୍କ କାମରେ ଆସୁନି। ଅବଧି ସରିବା ପରେ ବହୁ ବିଳମ୍ବରେ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ ଉଭୟ ପାର୍ଶ୍ୱରେ କିଛି ଲୋକଙ୍କ ବ୍ୟକ୍ତିଗତ ଜମି ଥିବାରୁ ଆପ୍ରୋଚ ରୋଡ୍ ନିର୍ମାଣ ପାଇଁ ପ୍ରଶାସନ ଓ ଜମି ମାଲିକଙ୍କ ମଧ୍ୟରେ ଏକାଧିକ ବାର ଆଲୋଚନା ସତ୍ତ୍ୱେ ଏପର୍ଯ୍ୟନ୍ତ ସମାଧାନ ହୋଇପାରୁ ନାହିଁ। ଗତ ଜୁନ୍‌ରେ ଜାଗା ଚିହ୍ନଟ ହୋଇଥିଲେ ବି ଅଧିକ ପ୍ରାପ୍ୟ ପାଇବା ଆଶାରେ ଜମି ମାଲିକମାନେ ଜାଗା ଛାଡ଼ିବାକୁ ରାଜି ହେଉନାହାନ୍ତି। ଫଳରେ ନଦୀ ପାର ହେବା ପାଇଁ ଅସ୍ଥାୟୀ ବାଉଁଶ ଚାରକୁ ଲୋକେ ଭରସା କରିଛନ୍ତି।

ପ୍ରକାଶ ଯେ, ଏହି ଅଞ୍ଚଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଆଗରପଡ଼ା ବଜାରକୁ ଆସିବା ପାଇଁ ସାଳନ୍ଦୀ ନଦୀ ବାଧକ ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି କ୍ରମେ ଏମ୍‌ପି ଓ ବିଧାୟକଙ୍କ ସହଯୋଗରେ ଏଠାରେ ବିଜୁ ସେତୁ ନିର୍ମାଣ ପାଇଁ ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ପୋଲ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ୨୦୧୬ ଫେବୃଆରୀ ୪ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୭ ଅକ୍ଟୋବର ୩ରେ ଶେଷ ହେବାର ଥିଲା। କିନ୍ତୁ ଅବଧି ଶେଷ ହେବା ପରେ ବିଳମ୍ବରେ ତଥା ୨୦୨୦ ଜୁନ୍ ବେଳକୁ କାମ ସରିଥିଲା। ଏହି ପୋଲ ନିର୍ମାଣ ହେଲେ ଶ୍ରୀରାମପୁର, ଗୋପୀନାଥପୁର, ଟିକିରା ଆଦି ଗ୍ରାମର ୮ ହଜାର ଲୋକେ ଉପକୃତ ହେବେ ବୋଲି ଫଳକରେ ଉଲ୍ଲେଖ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ନିର୍ମାଣ ସରିଥିଲେ ମଧ ଏଯାଏ



ଲୋକେ ବାଉଁଶ ଚାରରେ ନଦୀ ପାର୍ ହେଉଛନ୍ତି।

ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରି ନ ଥିବାରୁ ନଦୀରେ ଭରା ପାଣି ସମୟରେ ଛାତ୍ରୀଛାତ୍ର ବହୁ କଷ୍ଟରେ ସ୍କୁଲ, କଲେଜକୁ ଆସୁଥିବା ବେଳେ ବଜାରରେ ଦୋକାନ କରିଥିବା ବ୍ୟବସାୟୀ ଓ ସାଧାରଣ ଲୋକେ ବାଉଁଶ ଚାରରେ ନଦୀ ପାର ହୋଇ ଆଗରପଡ଼ା ବଜାରକୁ ଆସୁଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି, ଟିକିରା ଗ୍ରାମକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ୍ ନିର୍ମାଣ ପାଇଁ ଜମି ମାଲିକମାନେ ଆବଶ୍ୟକ କାଗଜପତ୍ର ଜମା ଆରମ୍ଭ କରିଛନ୍ତି। ଆଉ ସପ୍ତାହେ ମଧ୍ୟରେ ଜମି ଅଧିଗ୍ରହଣ ହୋଇଯିବ। କିନ୍ତୁ ଶ୍ରୀରାମପୁର ଗ୍ରାମକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ୍ ଲାଗି ଜମି ମାଲିକମାନେ ଅଧିକ ମୂଲ୍ୟ ଦାବି କରୁଥିବାରୁ ଅଧିଗ୍ରହଣ ହୋଇପାରୁ ନାହିଁ।

## ସ୍ୱତନ୍ତ୍ର ପଞ୍ଚାୟତ ମାନ୍ୟତା ନ ମିଳିଲେ ଭୋଟ୍ ବର୍ଜନ

ଭଦ୍ରକ ଅଫିସ,୨୪।୧୦

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ତଳାଙ୍ଗ ରାଜସ୍ୱ ଗ୍ରାମକୁ ସ୍ୱତନ୍ତ୍ର ପଞ୍ଚାୟତ ମାନ୍ୟତା ଦିଆଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଲୋକେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ, ମୁଖ୍ୟ ନିର୍ବାଚନ କମିଶନର, ଜିଲାପାଳ, ଜିଲା ପଞ୍ଚାୟତ ଅଫିସର ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ଲୋକେ ବାଧ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ଜନସ୍ୱାର୍ଥ ମାମଲା ଆଗତ କରିଥିଲେ। ଅଦାଲତ ଗତ ତା ୨୭।୪।୨୦୨୧ ରିଖରେ ୩ ମାସ ମଧ୍ୟରେ ଆମ୍ବରୋଳି ପଞ୍ଚାୟତ ଅଧୀନରେ ଥିବା ତଳାଙ୍ଗ ରାଜସ୍ୱ ଗ୍ରାମକୁ ସ୍ୱତନ୍ତ୍ର ପଞ୍ଚାୟତ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରେ ୫ମାସ ବିତିଯାଇଥିଲେ ମଧ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏଣୁ ଲୋକେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତଳାଙ୍ଗ ରାଜସ୍ୱ ଗ୍ରାମକୁ ପଞ୍ଚାୟତ ମାନ୍ୟତା ନ ମିଳିଲେ ସମୂହ ଭୋଟ ବର୍ଜନ କରିବେ ବୋଲି ଉକ୍ତ ଗାଁରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ସର୍ବଶ୍ରୀ ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା, ଅନ୍ତର୍ଯ୍ୟାମୀ ଉପାଧ୍ୟାୟ, ମାଧବାନନ୍ଦ ବେହେରା, ବିଶ୍ୱନାଥ ଉପାଧ୍ୟାୟ, କାଳିନ୍ଦୀ ଚରଣ ନାୟକ, ସୁଜିତ୍ ରାଉତ, ହୃଦାନନ୍ଦ ସୂତାର, ଜୟକୃଷ୍ଣ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

## ଛୁଆକୁ ନେଲାନି ମା' ହାତୀ

ଚମ୍ପୁଆ/ଯୋଡ଼ା,୨୪।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବସନ୍ତପୁର ପଞ୍ଚାୟତର ନେଧିଗୋଠଠାରେ ଗତ ଶନିବାର କୂଅରେ ପଡ଼ିଯାଇଥିବା ହାତୀ ଛୁଆକୁ ବନ ବିଭାଗ ଜେସିବି ସହାୟତାରେ ୩ ଘଣ୍ଟା ପରିଶ୍ରମ କରି ଉଦ୍ଧାର କରିଥିଲା। ମାତ୍ର ହାତୀ ଛୁଆକୁ ଛାଡ଼ିଥିବା ମା' ଛୁଆ ପାଖକୁ ଫେରି ନ ଥିଲା। ଦିନସାରା ବନ ବିଭାଗ ହାତୀ ଛୁଆଟିକୁ ଆବଶ୍ୟକ ଖାଦ୍ୟ ପାନୀୟ ଦେଇ ସମ୍ଭାଳିବା ପରେ ସନ୍ଧ୍ୟାରେ ଛାଡ଼ିବା ସହ ନଜର ରଖିଥିଲେ। ରବିବାର ଉକ୍ତ ସ୍ଥାନକୁ ହାତୀଛୁଆଟି ପୁଣି ଫେରି ଆସିଥିବା ଦେଖିବାକୁ ମିଳିଥିଲା। ଫଳରେ ହାତୀ ଛୁଆଟିକୁ କିପରି ମା' ପାଖକୁ ଛଡ଼ାଯିବ ସେନେଇ ଚିନ୍ତାରେ ପଡ଼ି ଯାଇଛି ବନ ବିଭାଗ। ନିକଟସ୍ଥ ଜଙ୍ଗଲରେ ହାତୀପଲ ରହିଛନ୍ତି। କେଉଁପଲରେ ଉକ୍ତ ହାତୀଛୁଆର ମା' ରହିଛି ତାହା ଜାଣିବା କଷ୍ଟକର ବ୍ୟାପାର ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ଖୋଜିବା କାର୍ଯ୍ୟ ଚାଲୁ ରହିଛି।



ବନବିଭାଗ କର୍ମଚାରୀଙ୍କ ନିକଟରେ ହାତୀ ଛୁଆ।

## ମଦ ବେପାରୀ ଗିରଫ

ଭଣ୍ଡାରିପୋଖରୀ, ୨୪।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରୁ ରବିବାର ପୋଲିସ ୨୦ ଲିଟର ଆସ୍କାଫଟି ଜବତ କରିଛି। ଏଥିସହ ମଦ ବେପାରୀ ଧନଞ୍ଜୟ ଦଳେଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ.୩୩୨/୨୧) ରୁଜୁ ହୋଇଛି। ଭଣ୍ଡାରିପୋଖରୀ ଥାନା ସହକାରୀ ଆରକ୍ଷୀ ନିରୀକ୍ଷକ ଅନୁରାଗ ମହାନ୍ତି ସହକର୍ମୀଙ୍କ ସହ ଚଢ଼ାଉ କରିଥିଲେ।

## ଓୟୁଜେର ଜିଲା କାର୍ଯ୍ୟକାରିଣୀ

କେନ୍ଦୁଝର ୨୪।୧୦ (ସ୍ୱ.ପ୍ର.)

ଓଡିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ କେନ୍ଦୁଝର ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି କ୍ଷେତ୍ରବାସୀ ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦୁଝର ଶାଖାର ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରିଥିଲେ। କେନ୍ଦୁଝର ଶାଖାର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ଉପସ୍ଥିତ ଜିଲା ଶାଖା ଉପସଭାପତି ପ୍ରଦୀପ କୁମାର ସା, ରାହାସ ବିହାରୀ ପୃଷ୍ଟି ପ୍ରମୁଖ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ସର୍ବସମତି କ୍ରମେ ଶରତ ଚନ୍ଦ୍ର ଦାସଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ଭାବେ ମନୋନୀତ କରାଯାଇଥିଲା। ସଂଗଠନର ବରିଷ୍ଠ ସଦସ୍ୟ ପ୍ରଣୟ ପାଣି, ସତ୍ୟରଞ୍ଜନ ଦାସ, ବିଶ୍ୱରଞ୍ଜନ ସାହୁ,ସୁଦାମ ପତି, ବିରଞ୍ଚି ବେହେରା, ଅନୁକୂଳ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ବିଲ ଜେଏସ୍‌ପିଏଲ, ଟେନ୍‌ସା ୟୁନିଟ୍‌କୁ ସୁରକ୍ଷା ପୁରସ୍କାର

କେନ୍ଦୁଝର, ୨୪।୧୦ (ସ୍ୱ.ପ୍ର.)

ଇସ୍ପାତ ଉତ୍ପାଦନରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରି ଥିବା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସ୍‌ପିଏଲ)ର ବଡ଼ବିଲ ଏବଂ ଟେନସା ୟୁନିଟ୍‌କୁ ମାନବ ସମ୍ବଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ କାର୍ଯ୍ୟକ୍ଷେତ୍ର ସୁରକ୍ଷା ପାଇଁ ନେଇଥିବା ନୂତନ ପଦକ୍ଷେପ ଯୋଗୁ ଜିଓମାଇନଟେକ୍ ପୁରସ୍କୃତ କରିଛି। ଭୁବନେଶ୍ୱର ଠାରେ ଶନିବାର ଅନୁଷ୍ଠିତ ଏକ କର୍ମଶାଳାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବଡ଼ବିଲ ଠାରେ ଥିବା ପିଲେଟ ପ୍ଲାଣ୍ଟ, ମାନବ ସମ୍ବଳରେ ସର୍ବୋତ୍ତମ ଯୋଜନା, କାର୍ଯ୍ୟକାରିତା, କର୍ମଚାରୀ ଭାବ ଆଦାନ ପ୍ରଦାନ, କାର୍ଯ୍ୟକ୍ଷେତ୍ରରେ ସମୟାନୁବର୍ତ୍ତିତା, ପାରଦର୍ଶିତା ଏବଂ କମ୍ପାନୀର ବ୍ୟବସାୟ ଭିତ୍ତିକ ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ନିୟମାବଳୀକୁ କାର୍ଯ୍ୟକ୍ଷମ ଏବଂ ସଫଳତାର ସହ ରୂପାୟନ କରାଇଥିବା ଯୋଗୁ ମାନବ ସମ୍ବଳ ଉତ୍କର୍ଷତା-୨୦୨୦ ପୁରସ୍କାର ଲାଭ କରିଛି। ଏହି ଅବସରରେ ବଡବିଲ ପ୍ଲାଣ୍ଟ ମାନବ ସମ୍ବଳ ମୁଖ୍ୟ ଶରତ କିଶୋର ପଣ୍ଡାଙ୍କୁ ମାନବ ସମ୍ବଳ କ୍ଷେତ୍ରରେ ପାରଦର୍ଶିତା ପାଇଁ ବେଷ୍ଟ କର୍ପୋରେଟ ମ୍ୟାନେଜମେଣ୍ଟ ଇନୋଭିଟିଭ୍ ପୁରସ୍କାର-୨୦୨୦ ପ୍ରଦାନ କରାଯାଇଛି। ସେହିପରି ଭାବେ ସୁନ୍ଦରଗଡ ଜିଲାର ଟେନସା ଠାରେ ଥିବା କମ୍ପାନୀର ଟିଆରବି ଲୌହଖଣିକୁ ମାନବ ସମ୍ବଳ, ସାମାଜିକ ଉତ୍ତରଦାୟିତ୍ୱ ବୋଧ, ପରିବେଶ ସୁରକ୍ଷା, ଖଣି ସୁପରିଚାଳନା ଆଦି ଉତ୍ତମ କୋଭିଡ୍ ପରିଚାଳନା ପାଇଁ ଗୋଲଡେନ୍ ରେନବୋ ପୁରସ୍କାର ୨୦୨୦-୨୧ରେ ସମ୍ମାନିତ କରାଯାଇଛି।

## ଯୌନ ନିର୍ଯାତନା ଘଟଣା ପ୍ରଧାନଶିକ୍ଷକଙ୍କ ନାଁରେ ମାମଲା

ଠାକୁରମୁଣ୍ଡା, ୨୪।୧୦ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଏକ ଆଶ୍ରମ ବିଦ୍ୟାଳୟରେ ରୋଷେୟା ଓ ମାଟ୍ରୋନ ଭାବେ କାର୍ଯ୍ୟ କରୁଥିବା ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ନେଇ ରବିବାର ପ୍ରଧାନଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଠାକୁରମୁଣ୍ଡା ଥାନା ପୋଲିସ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଆଣି ଥାନାରେ ଅଟକ ରଖି ତଦନ୍ତ କରୁଛି। ଏ ନେଇ ଥାନାରେ ମାମଲା (ନଂ.୧୧୮/୨୧) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଏନେଇ ପୂର୍ବରୁ ଉକ୍ତ ମହିଳାଙ୍କ ଲିଖିତ ଅଭିଯୋଗ କ୍ରମେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ।

# 'ସାନ୍ତାଳୀ ଭାଷା ସାହିତ୍ୟ ଓ ପରମ୍ପରା ଗୁରୁତ୍ୱପୂର୍ଣ୍ଣ'

ବାରିପଦା ଅଫିସ,୨୪।୧୦

ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଚତୁର୍ଥ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରୋଜ ସୋରେନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ଅନ୍ୟତମ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, କେନ୍ଦ୍ର ସାହିତ୍ୟ ଏକାଡେମୀର(ସାନ୍ତାଳୀ) ଆବାହକ ମଦନ ମୋହନ ସୋରେନ, କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ସାନ୍ତାଳୀ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଗୁରୁତ୍ୱପୂର୍ଣ୍ଣ। ଭାଷା, ସଂସ୍କୃତିକୁ ଭଲପାଇବା ସହ ଏହାର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରିବାକୁ ସମସ୍ତ ସାନ୍ତାଳ ଭଉଣୀଭାଇଙ୍କୁ ସଂସ୍କୃତି ମନ୍ତ୍ରୀ ପାଣିଗ୍ରାହୀ ଏବଂ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ପରାମର୍ଶ ଦେଇଥିଲେ। ଓଡ଼ିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ କଲେଜରେ ଶିକ୍ଷାର ବ୍ୟବସ୍ଥା ସହ ନିଯୁକ୍ତି ପାଇଥିବା ବହୁଭାଷୀ ସାନ୍ତାଳୀ ଶିକ୍ଷକମାନଙ୍କୁ ନିୟମିତ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଆବାହକ ସୋରେନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏହି ଅବସରରେ ଯୁବକବି ଦଶରଥ ହେମ୍ବ୍ରମଙ୍କୁ ଯୁବ ସାନ୍ତାଳୀ ଲେଖକ ସମ୍ମାନ, ରାମ୍ବାୟ ହେମ୍ବ୍ରମଙ୍କୁ ଶ୍ୟାମସୁନ୍ଦର ଏବଂ ନରେନ୍ଦ୍ର ହେମ୍ବ୍ରମଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି। ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବାକୁ ଥିବା ବିଶିଷ୍ଟ ସାହିତ୍ୟିକ ଜୟରାମ ଟୁଡୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କବୟିତ୍ରୀ ସୁମିତ୍ରା ସୋରେନଙ୍କ ଅଧକ୍ଷତାରେ କବିତାପାଠ କରାଯାଇଥିଲା। ଲେଖକ ଗଙ୍ଗାଧର ହାଁସଦାଙ୍କ ଅଧକ୍ଷତାରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୁସ୍ତକଗୁଡ଼ିକର ଜଟିଳ ବିଶ୍ଳେଷଣ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହାୟକ ଡ. ନାକୁ ହାଁସଦା 'ବଞ୍ଚାଅ ଆକାନ ହର୍' ଓ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମଣ ବାସ୍କେ 'ନାଲ୍ହା' ପୁସ୍ତକ ଉପରେ ପାଠ ଉପସ୍ଥାପନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଆଇଟିଆଇର ଅଧକ୍ଷ କାନ୍ଦନ ମାଝି, କେନ୍ଦ୍ରୀୟ କମିଟି ସଭାପତି ଲକ୍ଷ୍ମଣ କିସ୍କୁ, ପୀତାମ୍ବର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ସାନ୍ତାଳୀ ଭାଷା ସଂସ୍କୃତି ସମ୍ବର୍ଦ୍ଧିତ ପାଠ୍ୟପୁସ୍ତକ ପାଇଁ ବିଭିନ୍ନ ଷ୍ଟଲ ବ୍ୟବସ୍ଥା କରାଯାଇଥିଲା। ସଂଘର ସହସମ୍ପାଦକ ଗୋପାଳ ସୋରେନ ଧନ୍ୟବାଦ ଦେଇଥିଲେ।




ଲେଖକ ସଂଘର ସମ୍ମିଳନୀରେ ଉପସ୍ଥିତ ଅତିଥି।

## ପ୍ରଥମ ପୃଷ୍ଠାରୁ...

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢ଼ନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ନିର୍ମିତ ଫାଟକ ଏବେ ବି ଦୃଶ୍ୟମାନ ହୁଏ। ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି ଦୁର୍ଗ ଏକ ସମୟରେ ନିର୍ମିତ ହୋଇ ନ ଥିଲା। ରାଇବଣିଆ ଦୁର୍ଗକୁ କେନ୍ଦ୍ରକରି ୧୦ମାଇଲ ଲମ୍ବରେ ରାଇବଣିଆ କୀର୍ତ୍ତିରାଜି, ପଥରରେ ଖୋଦିତ ମୂର୍ତ୍ତି ବିକ୍ଷିପ୍ତ ଭାବେ ପଡିରହିଛି। ଦୁର୍ଗ ମଧ୍ୟରେ ଓ ଚାରିପଟେ ଏବେ ବି କେତେକ ଅସ୍ତ୍ରଶସ୍ତ୍ର, କମାଣ ଆଦି ବିଭିନ୍ନ ପୋଖରୀ ଖନନରୁ ମିଳୁଛି। ରାଇବଣିଆ ପୀଠଦେବୀଙ୍କୁ ତତ୍କାଳୀନ ମୟୂରଭଞ୍ଜର ରାଜା ନେଇଯାଇ ଖିଚିଂଠାରେ ଅବସ୍ଥାପିତ କରିଥିବା ବାଲେଶ୍ୱର ଗେଜେଟିୟରରୁ ଜଣାପଡେ। ମାତ୍ର ରାଇବଣିଆଗଡର ଆରାଧ୍ୟା ଗଡଚଣ୍ଡୀ ରାଇବଣିଆ ଗ୍ରାମରେ ପୂଜା ପାଉଛନ୍ତି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଡ. ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ରାତ୍ରକାଳୀନ ଗମନାଗମନ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ଓ ପାନୀୟ ଜଳ ଲାଗି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହାତକୁ ନିଆଯାଇଛି। ରୁର୍ବାନ ଯୋଜନାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି, ପାର୍କ ଓ ପିଣ୍ଡି ଆଦି ନିର୍ମାଣ ସହିତ ୨୮ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ୍ ନିର୍ମାଣର ଯୋଜନା ରହିଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ପ୍ରଫୁଲ୍ଲ ସୁର, ଗଡ ଉନ୍ନୟନ କମିଟି ସଭାପତି ବ୍ରିଜେଶ ରଣା, ସାଧାରଣ ସମ୍ପାଦକ ସୁକୁମାର ପ୍ରଧାନ, ସମ୍ପାଦକ ବସନ୍ତ ଘୋଷ, ସଞ୍ଜୀବ ସାମଲ, ଗଙ୍ଗାଧର ଦାସ ପ୍ରମୁଖ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

ଧରିତ୍ରୀ
DHARITRI
ସୋମବାର, ୨୫ ଅକ୍ଟୋବର ୨୦୨୧

## ନଳକୂପ ଅଚଳ, ଲୋକେ ହଇରାଣ

ଜଳେଶ୍ୱର,(ଡି.ଏନ.ଏ.)- ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ କାଳିକ ଓ ଚମାରଗାଁ ସୀମାରେ ୮ବର୍ଷ ତଳେ ଏକ ଇଣ୍ଡିଆନ୍ ମାର୍କ-୨ ନଳକୂପ ଖନନ ହୋଇଥିଲା। ଏହି ନଳକୂପରୁ ନିକଟରେ ଥିବା ଏକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ୨ ଗାଁର ଲୋକେ ପାଣି ବ୍ୟବହାର କରି ଆସୁଥିଲେ। କିନ୍ତୁ ନଳକୂପଟି ଅଚଳ ହୋଇ ପଡ଼ିଛି। ଏନେଇ ବିଭାଗୀୟ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ନଳକୂପ ଚାରିପଟେ ବଣଜଙ୍ଗଲରେ ପୂର୍ଣ୍ଣ ହୋଇଛି। ଏହାର ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଲଙ୍ଗଳେଶ୍ୱର,୨୪।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ଥାନା ବାଲିକୁଟୀ ପଞ୍ଚାୟତ ଅନ୍ତର୍ଗତ ଛଡ଼ା ଗ୍ରାମର ଜଣେ ମହିଳା ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ୪ବର୍ଷ ପୂର୍ବେ ସେ ପଶ୍ଚିମବଙ୍ଗ ଏଗ୍ରା ଅଞ୍ଚଳରେ ବିବାହ କରିଥିଲେ। ସ୍ୱାମୀ ଓ ସ୍ତ୍ରୀ ବେଙ୍ଗାଲୁରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୧୦ ଦିନ ତଳେ ସେମାନେ ଛଡ଼ା ଗ୍ରାମକୁ ଫେରିଥିଲେ। ମାତ୍ର ରବିବାର ପୂର୍ବାହ୍ନରେ କୌଣସି କାରଣରୁ ମହିଳା ଜଣକ ଦେହରେ କିରାସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ବାହାନଗା,୨୪।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନଂ. ଜାତୀୟ ରାଜପଥର ବେଗୁନିଆ ବାଇପାସ୍ ନିକଟରେ ରବିବାର ଏକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋର ଥାନା ଅଧୀନ ଦାନ୍ତିଆ ଗ୍ରାମର ମଞ୍ଜୁଲତା ବେହେରା (୫୫)। ରବିବାର ମଞ୍ଜୁଲତା ତାଙ୍କ ପୁଅ ରମେଶଙ୍କ ସହ ବାଇକ୍ ଯୋଗେ ବାଲେଶ୍ୱର ଯାଉଥିଲା ବେଳେ ଏକ କଣ୍ଟେନର ସାଇଟ ମାରିବାରୁ ମା' ପୁଅ ବାଇକ୍‌ରୁ ପଡ଼ିଯାଇଥିଲେ। କଣ୍ଟେନର ପଛ ଚକା ମଞ୍ଜୁଲତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖନ୍ତାପଡ଼ା ଥାନା ପୋଲିସ ତଦନ୍ତ ଜାରି ରଖିଛି।

### ୭୦ ୟୁନିଟ ରକ୍ତ ସଂଗ୍ରହ

ଖଇରା,୨୪।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରାସ୍ଥିତ ଦର୍ଶନ ପ୍ରସାଦ ହାଇସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପରାତନ ଛାତ୍ର ପରିଷଦ ଓ ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ପରିଷଦର ସଭାପତି ମାୟାଧର ନାୟକ ଉଦ୍‌ଘାଟନ କରିଥିଲେ। ସଂସଦର ସମ୍ପାଦକ ବିଶ୍ୱନାଥ ପୃଷ୍ଟି, ପୂର୍ବତନ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ପଣ୍ଡା, ପ୍ରଧାନଶିକ୍ଷକ ମାୟାଧର ସାହୁ ଅତିଥି ଭାବେ ରକ୍ତଦାନ ମହତଦାନ ବୋଲି ପ୍ରକାଶ କରିଥିଲେ। ସଂଗଠନର ରାଜ୍ୟ ସମ୍ପାଦିକା ମିନତୀ କର, ଜିଲା ସଭାପତି ବିସ୍ମୟ ପାତ୍ର, ସମ୍ପାଦକ ମହେଶ ମଲ୍ଲିକ ସଙ୍ଗଠର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବାସନ୍ତୀଲତା ରାଉତଙ୍କ ତତ୍ତ୍ୱାବଧାନରେ ୭୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଛାତ୍ର ସଂସଦର ସଦସ୍ୟ ନନ୍ଦ କିଶୋର ପୃଷ୍ଟି, ଶରତ ସାହୁ, ମନୋରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ବେହେରା, ଶ୍ରୀଧର ପରିଡ଼ା, ଜଗନ୍ନାଥ ମାଝି, ଦୀପକ ବେହେରା, ମନୋଜ ମହାଲିକ ପ୍ରମୁଖ ସହଯୋଗ କରିଥିଲେ।

### ଅନନ୍ତପୁର ଫାଣ୍ଡି ଘେରିଲା ଭାଜପା

ସୋର,୨୪।୧୦(ଡି.ଏନ.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରିପଦା ଗସ୍ତ ବେଳେ ମମିତା ମେହେରଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଥିବା ଭାଜପା କର୍ମୀଙ୍କୁ ଅନ୍ୟ ଦଳର କର୍ମୀ ଆକ୍ରମଣ କରିବା ଅଭିଯୋଗରେ ରବିବାର ସୋର ଭାଜପା ପକ୍ଷରୁ ରାକେଶ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଅନନ୍ତପୁର ଫାଣ୍ଡି ଘେରାଉ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରା, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା, ମଣ୍ଡଳ ସଭାପତି ସିଦ୍ଧାର୍ଥ ବେହେରା, ସଞ୍ଜୀବ ରାଉଳ, ଶ୍ରୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

### କୋଭିଡ୍ କଟକଣାରେ ହେବ ବୋଇତ ବନ୍ଦାଣ

ବାଲେଶ୍ୱର ଅଫିସ,୨୪।୧୦- ବାଲେଶ୍ୱର ସହର ସୁନହଟ ବୋଇତ ବନ୍ଦାଣ ଉତ୍ସବର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଚନ୍ଦନମହଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସରକାରଙ୍କ କୋଭିଡ୍ ନିୟମ ମାନି କେବଳ ପାରମ୍ପରିକ ରୀତିନୀତି ଅନୁସାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ସେହିପରି କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ। ବୈଠକରେ କମିଟିର ସଭାପତି ଡ. ଶାନ୍ତନୁ ଦାସ, କାର୍ଯ୍ୟକାରୀ ସଭାପତି ଗୌତମ ଦାସ, ସମ୍ପାଦକ ସାହିରୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପାଠରେ ଭଲ, ଖେଳରେ ବି କମ୍ ନୁହନ୍ତି

ସନ୍ତୋଷ କୁମାର ନାୟକ
ସିମୁଳିଆ,୨୪।୧୦


ସଫଳ ୩ କ୍ରୀଡ଼ାବିତ୍ ରୁବି, ମାମାଲି ଓ ପ୍ରିୟଙ୍କା।

### ■୩ ଭଉଣୀଙ୍କ କୃତିତ୍ୱ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଗୌଡ଼ଦିଆ-ନୂଆସାହି ଅଞ୍ଚଳର ବବୁଲୁ ବେହେରାଙ୍କ ୩ ଝିଅ ରୁବି(୧୯), ମାମାଲି(୧୭) ଓ ପ୍ରିୟଙ୍କା (୧୫) ପାଠ ସହିତ ବିଭିନ୍ନ କ୍ରୀଡ଼ାରେ କମାଲ କରୁଛନ୍ତି । ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି।

ରୁବି ଯୁକ୍ତ୩ର ଛାତ୍ରୀ। ସେ ସ୍ଥାନୀୟ ରଘୁନାରାୟଣ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ କବାଡ଼ି ଖେଳରୁ କ୍ରୀଡ଼ା ଜୀବନ ଆରମ୍ଭ କରିଥିଲେ। କବାଡ଼ିରେ ଜିଲାସ୍ତରରେ ରନର୍ସଅପ ହେବା ସହିତ ସଟ୍‌ପୁଟରେ ପ୍ରଥମ ହୋଇଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ନାହାଁନ୍ତି । ପରେ ସେ ସଟ୍‌ପୁଟ ଓ ଡିସ୍କସ ଥ୍ରୋରେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇଥିଲେ। ତେବେ ବିଭିନ୍ନ କ୍ରୀଡ଼ାରେ ପାରଦର୍ଶିତା ଥିବା ଯୋଗୁ ରଘୁନାରାୟଣ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥ ତାଙ୍କୁ ସଫ୍ଟବଲ ଖେଳାଳି ରୂପେ ଚୟନ କରିଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ସବ୍ ଜୁନିୟର ବିଭାଗରେ ଅଂଶ ଗ୍ରହଣ କରିଥିଲେ। ପରେ ଦଶମ ଶ୍ରେଣୀରେ ମଣିପୁରରେ ଅନୁଷ୍ଠିତ କ୍ରୀଡ଼ାରେ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଥିଲେ। ସେହିପରି ଯୁକ୍ତଦୁଇରେ ପଢୁଥିବାବେଳେ ମଧ୍ୟ ରାଜ୍ୟସ୍ତରୀୟ ସଫ୍ଟବଲରେ ଚାମ୍ପିୟନ ହୋଇଥିଲେ । ଜଣେ ସଫଳ କ୍ରୀଡ଼ାବିତ ରୂପେ ସେ ୩୫ଟି ବିଭିନ୍ନ ସାର୍ଟିଫିକେଟ ହାସଲ କରିବା ସହିତ ଗତ ୨୦୧୭ରେ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଶ୍ରେଷ୍ଠ ଖେଳାଳି ରୂପେ ସମ୍ମାନୀତ ହୋଇଥିଲେ। ଭବିଷ୍ୟତରେ ଜଣେ ସଫଳ କ୍ରୀଡ଼ାବିତ୍ ସହିତ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଥିବା ରୁବି ବର୍ତ୍ତମାନ ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ କୋଚ୍ ଦେଉଛନ୍ତି ।

ସେହିପରି 'ଟେନି କଏଟ'କୁ ମୁଖ୍ୟ କ୍ରୀଡ଼ା ରୂପେ ଚୟନ କରିଥିବା ରୁବିଙ୍କ ସାନ ଭଉଣୀ ମାମାଲି ବର୍ତ୍ତମାନ ଯୁକ୍ତଦୁଇରେ ପଢୁଛନ୍ତି। ଅଷ୍ଟମ ଶ୍ରେଣୀରୁ ସେ ଟେନିକଏଟ ଖେଳି ଆସୁଛନ୍ତି । ଅଦ୍ୟାବଧି ସେ ବିଭିନ୍ନ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ୧୫ଟି ରାଜ୍ୟସ୍ତରୀୟ ଓ ୫ଟି ଜାତୀୟସ୍ତରୀୟ କ୍ରୀଡାରେ ସାର୍ଟିଫିକେଟ ମଧ୍ୟ ମିଳିଛି। ଭବିଷ୍ୟତରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି।

ସେହିପରି ନବମ ଶ୍ରେଣୀରେ ପଢୁଥିବା ତାଙ୍କ ସାନ ଭଉଣୀ ପ୍ରିୟଙ୍କା ମଧ୍ୟ କୌଣସିରେ କମ୍ ନୁହଁନ୍ତି । ପାଠରେ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ତାଙ୍କ ନାମ ରହିଛି। ତେବେ ଷଷ୍ଠ ଶ୍ରେଣୀରେ 'ରଗବୀ'ରେ ପ୍ରିୟଙ୍କା ଜିଲାସ୍ତରରେ କୃତିତ୍ୱ ହାସଲ କରିବା ପରେ ସେ ମଧ୍ୟ ପଛକୁ ଫେରି ନାହାନ୍ତି । ରଗ୍‌ବୀ ସହିତ ସଫ୍ଟବଲ ଓ ଟେନିକଏଟରେ ମଧ୍ୟ ତାଙ୍କର ପାରଦର୍ଶିତା ରହିଛି। ସେ ୪ଥର ଜିଲାସ୍ତରୀୟ, ୪ଥର ରାଜ୍ୟସ୍ତରୀୟ ଓ ଥରେ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବା ସହିତ ୬ଟି ସାର୍ଟିଫିକେଟ ହାସଲ କରିଛନ୍ତି । ସେ ମଧ୍ୟ ଜଣେ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଛନ୍ତି। ତାଙ୍କ ମା' କମଳା ବେହେରା ଗୃହିଣୀ ହୋଇଥିବା ବେଳେ ବାପା ରାଜମିସ୍ତ୍ରି କାମ କରନ୍ତି । ତେବେ ସରକାରୀ ପ୍ରୋତ୍ସାହନ ଅଭାବରୁ ତାଙ୍କ ପରି ଅଭାବୀ ପରିବାର ଝିଅମାନେ ଅଧିକ ସୁଯୋଗ ପାଇ ପାରୁ ନ ଥିବା କହିଛନ୍ତି ଏହି ୩ ଭଉଣୀ ।

## 'ଜିଲାର ବିକାଶଧାରାକୁ ସହିପାରୁନି ଭାଜପା'

ବାରିପଦା ଅଫିସ, ୨୪।୧୦

ମୟୂରଭଞ୍ଜ ଜିଲାବାସୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସମୟରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ଉଦ୍ୟମକୁ ନେଇ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଜିଲାର ବିକାଶଧାରାକୁ ଭାଜପା ସହିପାରୁ ନାହିଁ ବୋଲି ଜିଲା ବିଜେଡି ସଭାପତି ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜନହିତକର କାର୍ଯ୍ୟଗୁଡ଼ିକ ଜିଲାରେ ଚାଲୁଥିବା ବେଳେ ଭାଜପା ଏହାକୁ ବିରୋଧ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଦଳ ପକ୍ଷରୁ କୁହାଯାଇଛି। କଳାପତାକା ପ୍ରଦର୍ଶନକାରୀଙ୍କୁ ବିଜେଡି କର୍ମୀମାନେ ମାଡ଼ ମାରିବା ଘଟଣାକୁ ଅସ୍ୱୀକାର କରିଥିବା ବେଳେ ଜିଲାରେ ଭାଜପାର କର୍ମକର୍ତ୍ତା ନ ଥିବାରୁ ପଡ଼ୋଶୀ ଜିଲାରୁ ଡକାଇ ଏଭଳି ଘଟଣା ଘିଆଇବା ଲଜ୍ଜାଜନକ ବୋଲି କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଜେଡି କର୍ମକର୍ତ୍ତାମାନେ ଅସହାୟଙ୍କ ନିକଟରେ ପହଞ୍ଚିଥିବା ବେଳେ ଭାଜପା ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ସେହିପରି କେନ୍ଦ୍ରରେ ଭାଜପା କ୍ଷମତାକୁ ଆସିବାର ୭ବର୍ଷ ବିତିଯାଇଥିଲେ ମଧ୍ୟ ଜିଲାକୁ ରେଲୱେ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ, ତୈଳ ଓ ଖାଉଟି ସାମଗ୍ରୀର ଦର ବୃଦ୍ଧି ହେତୁ ଜନସାଧାରଣ ନୟାନ୍ତ ହୋଇପଡ଼ିଛନ୍ତି। ତେବେ ଭାଜପା ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ଜିଲାବାସୀ କ୍ଷମା ଦେବେ ନାହିଁ ବୋଲି ବିଜେଡି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଜିଲା ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ଅନୁଭବ ପଟ୍ଟନାୟକ, ପ୍ରିୟବ୍ରତ ମାଝି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ବିଧାୟକ ଭାଦବ ହାଁସଦା, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଦେବାଶିଷ ମାରାଣ୍ଡି, ଟାଉନ ସଭାପତି କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷାନୀତିକୁ ଶିକ୍ଷା ବଞ୍ଚାଅ କମିଟିର ବିରୋଧ

ଭୋଗରାଇ,୨୪।୧୦(ଡି.ଏନ.ଏ.)

ନୂତନ ଜାତୀୟ ଶିକ୍ଷାନୀତି ନିମନ୍ତେ କୌଣସି ଶିକ୍ଷାବିତ୍, ଶିକ୍ଷାପ୍ରେମୀ, ଜନଗଣ, ବୁଦ୍ଧିଜୀବୀ, ଶିକ୍ଷାଗବେଷକ ଓ ଛାତ୍ରୀଛାତ୍ରଙ୍କ ସହିତ ପରାମର୍ଶ କିମ୍ବା ସୁଚିନ୍ତିତ ମତ ନିଆଯାଇ ନାହିଁ ବୋଲି ସର୍ବଭାରତୀୟ ଶିକ୍ଷା ବଞ୍ଚାଅ କମିଟି ବାଲେଶ୍ୱର ଜିଲା ଭୋଗରାଇ ଶାଖା ପକ୍ଷରୁ ଆୟୋଜିତ ଏକ ସେମିନାରରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଭୋଗରାଇ ବ୍ଲକ ଅଧୀନ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ସମ୍ମୁଖ ଅଧ୍ୟାପକ ପ୍ରଶାନ୍ତ ଖଟୁଆଙ୍କ କନଫରେନ୍ସ ହଲରେ ରବିବାର ଏହି ସେମିନାର ଆୟୋଜିତ ହୋଇଥିଲା। ଶିକ୍ଷା ବଞ୍ଚାଅ କମିଟିର ଉପଦେଷ୍ଟା ଅବସରପ୍ରାପ୍ତ ଡିଆଇ ଜଗନ୍ନାଥ ଦତ୍ତଙ୍କ ସଞ୍ଚାଳନରେ ମୁଖ୍ୟବକ୍ତା ଭାବେ ସାରା ଓଡ଼ିଶା ଶିକ୍ଷା ବଞ୍ଚାଅ କମିଟିର ସମ୍ପାଦକ ମଣ୍ଡଳୀର ସଦସ୍ୟ ସୁଭାଷ ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଉତ୍ସବ କୁମାର କର, ବିପଦ ରଞ୍ଜନ ମିଶ୍ର, ସନ୍ତୋଷ କୁମାର ପାତ୍ର, ଶ୍ରୀପତି ସାଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନୂତନ ଜାତୀୟ ଶିକ୍ଷାନୀତିର ମାରାତ୍ମକ ଦିଗଗୁଡ଼ିକଉପରେ ଆଲୋକପାତ କରିଥିଲେ। ଏହି କମିଟିର ସମ୍ପାଦକ ନିରାକର ପାଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ନୂତନ ଜାତୀୟ ଶିକ୍ଷାନୀତି ବିରୋଧରେ ସମସ୍ତ ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଗବେଷକ, ଛାତ୍ରୀଛାତ୍ର, ଶିକ୍ଷିକା, ଶିକ୍ଷକମାନଙ୍କୁ ନେଇ ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ସେମିନାରରେ ପ୍ରସ୍ତାବ ଆଗତ କରାଯାଇଥିଲା।

## ଚକ୍ଷୁ ପରୀକ୍ଷା, ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର

ବାଲେଶ୍ୱର ଅଫିସ,୨୪।୧୦

ବାଲେଶ୍ୱର ସହର ଗୋପାଳଗାଁ ସ୍ଥିତ 'ଆମ ଗୋପାଳ ଗାଁ ସଂଗଠନ' ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ସ୍ଥାନୀୟ ବୀର ବଜରଙ୍ଗ ବ୍ୟାୟାମଗାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭେଷଜ ବିଶେଷଜ୍ଞ ଡା. ପ୍ରତାପ ଚନ୍ଦ୍ର ସାହୁ, ଶିଶୁ ରୋଗ ବିଶେଷଜ୍ଞ ଡା. ରଶ୍ମୀକାନ୍ତ ଜଟାନିଆ ଏବଂ ଶଲ୍ୟ ବିଶେଷଜ୍ଞ ଡା. ଅଜୟ କୁମାର ସାମଲ ଏବଂ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶେଷଜ୍ଞ ଡାକ୍ତର ଅଜୟ ସିଂହ, ଶ୍ରୀରାମ ହସପିଟାଲ ଚକ୍ଷୁ ବିଭାଗ ମ୍ୟାନେଜର ବିନୋଦ କୁମାର ନାୟକ, ଫାର୍ମାସିଷ୍ଟ କୌଶଲ୍ୟା ଦେହୁରୀ ପ୍ରମୁଖ ଆଖି ପରୀକ୍ଷା କରିଥିଲେ। ଗୋପାଳ ଗାଁର ନିବାସୀ ଦିଲ୍ଲୀପ ନାୟକ, ଯଶୋଧାରା ଦାସ, ପ୍ରତିମା ପଣ୍ଡା, ଅରୁଣ କୁମାର ସ୍ୱାଇଁ, ଦିଲ୍ଲୀପ ଭୂୟାଁ ଯୋଗଦେଇ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ପ୍ରମୋଦ ମହାନ୍ତି, ପ୍ରବୀର ଦାସ, ଭୂଦେବ ମହାପାତ୍ର, ଗିରିଜା ଶଙ୍କର ଦାସ, ଅନୁପ ସ୍ୱାଇଁ, ଶ୍ରୀକାନ୍ତ ବୁଗୁଡାଇ, ରୂପେଶ ପ୍ରଧାନ, ପ୍ରଭାତ ମହାନ୍ତି, ରାକେଶ କୁମାର ପାଢ଼ୀ ଉପସ୍ଥିତ ଥିଲେ ।

## ଟ୍ରକ୍‌ରୁ ବ୍ୟାଟେରି ଚୋରି

ବନ୍ତ,୨୪।୧୦(ଡି.ଏନ.ଏ.)

### ସିସି କ୍ୟାମେରାରେ କଏଦ୍

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବେଗନା (ବୁଡଗଡିଆ) ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରକ୍‌ରୁ ୨ଟି ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଜଣଙ୍କ ବ୍ୟାଟେରି ଚୋରି କରି ସାଇକେଲରେ ଯିବା ବେଳେ ତାହା ସିସି କ୍ୟାମେରାରେ କଏଦ୍ ହୋଇଛି। ପ୍ରକାଶ ଯେ, ସବୁଦିନ ପରି ମହେଶ୍ୱର ବାରିକଙ୍କ ୩ଟି ଟ୍ରକ୍ ବୁଡଗଡିଆ ଛକ ନିକଟରେ ରହିଥିବା ବେଳେ ଶନିବାର ରାତିରେ କେହି ଦୁର୍ବୃତ୍ତ ଗୋଟିଏ ଟ୍ରକ୍‌ର ଦ୍ୱାର ଖୋଲି ଭିତରୁ ୨ଟି ବ୍ୟାଟେରି ଚୋରି କରିନେଇଛନ୍ତି। ସେ ନିଳୋକ ପଞ୍ଚାୟତରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିଥିଲେ। ଜଣେ ବ୍ୟକ୍ତି ଦୁଇଥର ସାଇକେଲରେ ବ୍ୟାଟେରି ନେଇ ଯାଇଥିବା ଦେଖିବାକୁ ମିଳିଛି। ଏପରିକି ସେହି ରାସ୍ତାରେ ପୋଲିସ ଭ୍ୟାନ୍ ପାଟ୍ରୋଲିଂ କରିଯିବାର ୫ ମିନିଟ୍ ପରେ ୨ୟ ବ୍ୟାଟେରି ଚୋରି ହୋଇଛି।

## ରାସ୍ତା ମଝିରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ପଦ୍ମପୁର,୨୪।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତର ରାମଚନ୍ଦ୍ରପୁର ଗାଁ ମଝି କଂକ୍ରିଟ ରାସ୍ତାରେ ଦୀର୍ଘଦିନ ଧରି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ଟ୍ରାନ୍ସଫର୍ମରରୁ ବିପଜ୍ଜନକ ଭାବେ ବିଦ୍ୟୁତ୍ ତାର ଝୁଲୁଥିବାର ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହିଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଧାମରା ଏସ୍‌ଡିଓ ରାଜେଶ ରଞ୍ଜନ ଘଡ଼େଇଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ପୁରାତନ ଛାତ୍ର ସଂସଦର ବାର୍ଷିକ ସାଧାରଣ ସଭା



ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ପୁରାତନ ଛାତ୍ରସଂସଦର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ,୨୪।୧୦

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ୨୭ତମ ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ଅନସୂୟା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ଡ. ପ୍ରଭାତ ଚନ୍ଦ୍ର ଚୌଧୁରୀ ବାର୍ଷିକ ବିବରଣୀ ପାଠ ଓସାଙ୍ଗଠନିକ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସରରେ ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ଡ. ପ୍ରଭାତ ଚନ୍ଦ୍ର ଚୌଧୁରୀ, ଉପସଭାପତି ଅନସୂୟା ନାୟକ, ସଞ୍ଜୟ କୁମାର ଦାସ, ବିଜୟ ଗୋବିନ୍ଦ ବଳିୟାରସିଂହ, ଅନୀଲ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି, ସଙ୍ଗଠନ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା, ସଙ୍ଗଠନ ସହ-ସମ୍ପାଦକ ହରେକୃଷ୍ଣ ପ୍ରଧାନ ଏବଂ ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି। ସେହିପରି ଅର୍ଥସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ଅର୍ଥ ସହ-ସମ୍ପାଦକ ଜ୍ୟୋତିରଞ୍ଜନ ରାଉତ, ସ୍ୱାସ୍ଥ୍ୟ ଓ କ୍ରୀଡ଼ା ସମ୍ପାଦକ ମଧୁସୂଦନ ବେହେରା, ସାଂସ୍କୃତିକ ସମ୍ପାଦକ ଅମୃତାଂଶୁ ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ସମ୍ପାଦକ ଶରତ କୁମାର ମିଶ୍ର, ସହ ସୂଚନା ଓ ଲୋକସମ୍ପର୍କ ସମ୍ପାଦକ ରାମପ୍ରସାଦ ସେଠୀ ପ୍ରମୁଖ ନିର୍ବାଚିତ ହୋଇଥିଲେ।

## ସିପିଏମ୍‌ର ଆଞ୍ଚଳିକ ସମ୍ମିଳନୀ

ଖଇରା,୨୪।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିପିଏମ୍ ଆଞ୍ଚଳିକ କମିଟି ପକ୍ଷରୁ ଏକ ସମ୍ମିଳନୀ ରବିବାର ପ୍ରଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଶିଶିର ହୁଇ, ଆଇନଜୀବୀ ଭରତ ଚନ୍ଦ୍ର ପଣ୍ଡା, ଜିଲା ଉପସଭାପତି ଜଗତାନନ୍ଦ ମହାପାତ୍ର, ସନ୍ତୋଷ ସାହୁ, ଉତ୍ତମ କୁମାର ଦାସ, ବଳରାମ ସାହୁ, ଭଗବାନ ଦାସ, ଉପେନ୍ଦ୍ର ଦାସ, ପ୍ରଶାନ୍ତ ପରିଡ଼ା, ଅଭିରାମ ବେହେରା, ପଦ୍ମଲୋଚନ ଜେନା, ଲମ୍ବୋଦର ରାଉତ, ମୂରଲୀଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭଗବାନ ସାହୁଙ୍କୁ ଆଞ୍ଚଳିକ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା।

## ଜମିବାଡ଼ିକୁ କେନ୍ଦ୍ରକରି ବୃଦ୍ଧଙ୍କୁ ଆକ୍ରମଣ

ବାଲେଶ୍ୱର ଅଫିସ,୨୪।୧୦

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ରଘୁନାଥପୁର ଗ୍ରାମରେ ଜମିବାଡ଼ି ବିବାଦରୁ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆହତ ବୃଦ୍ଧ ଗଜେନ୍ଦ୍ର ମହାନ୍ତି (୬୮) ଚିକିତ୍ସାପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ତାଙ୍କ ପୁତ୍ରବଧୂ ମଧୁସ୍ମିତା ମହାନ୍ତି ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ସକାଳେ ଗଜେନ୍ଦ୍ର ଗୋରୁ ନେଇ ଚରାଇବାକୁ ଯାଉଥିବା ବେଳେ ସମ୍ପର୍କୀୟ କୃଷ୍ଣଚନ୍ଦ୍ର ମହାନ୍ତି ଓ ଦ୍ରୌପଦୀ ମହାନ୍ତି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହା ଦେଖି ପୁତ୍ରବଧୂ ମଧୁସ୍ମିତା ପାଟି କରିବାରୁ ପଡ଼ୋଶୀମାନେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ଗଜେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ଖନ୍ତାପଡ଼ା ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## 'କର୍ମୀ, ନେତା କଠିନ ପରିଶ୍ରମ କରନ୍ତୁ'

ରୂପସା,୨୪।୧୦(ଡି.ଏନ.ଏ.)


ସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

### ବସ୍ତା କଂଗ୍ରେସର ନିର୍ବାଚନୀ ସଭା

ବାଲେଶ୍ୱର ଜିଲା ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ରଣନୀତି ନିର୍ଦ୍ଧାରଣ ପାଇଁ ପତ୍ରଝଡ଼ା ପଞ୍ଚାୟତରେ ରବିବାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧୀନ ୩୧ଟି ପଞ୍ଚାୟତର ନେତୃବୃନ୍ଦ ଉପସ୍ଥିତ ରହି ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା କଂଗ୍ରେସ କମିଟିର ସଭାପତି ସଞ୍ଜୀବ ଗିରି ଯୋଗଦେଇ ଦଳରେ ଯେଉଁମାନେ ବିଶୃଙ୍ଖଳିତ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବସ୍ତା ବ୍ଲକ କଂଗ୍ରେସର ଗଡ଼ ଥିଲା। ତେଣୁ ତାର ପୂର୍ବ ଗରିମାକୁ ଫେରାଇ ଆଣିବା ପାଇଁ କର୍ମୀ ଓ ନେତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଏହି ଅବସରରେ ବ୍ରାହ୍ମଣଦା ପଞ୍ଚାୟତର ଶିକ୍ଷାବିତ୍ ଦେବାଶିଷ ଯେନା ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ସୁଦର୍ଶନ ଦାସ, କଂଗ୍ରେସ ନେତା ବିଜନ ନାୟକ, ଜିଲା କଂଗ୍ରେସ ଉପସଭାପତି ଡ. ନଗେନ୍ଦ୍ର କୁମାର ସିଂହ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ସମ୍ପାଦିକା ତଥା ପତ୍ରଝଡ଼ା ପଞ୍ଚାୟତ ସରପଞ୍ଚ ପ୍ରଣତୀ ସାହୁ, ବ୍ଲକ୍ କଂଗ୍ରେସ ଉପସଭାପତି ମଦନ ଯେନା, ବରିଷ୍ଠ କଂଗ୍ରେସ ନେତା ସୂର୍ଯ୍ୟ ଘୋଷ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ସରପଞ୍ଚ ଅନୀଲ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ସମିତି ସଭ୍ୟ ରବୀନ୍ଦ୍ର କୁମାର ଦାସ, ପୂର୍ବତନ ସମିତି ସଭ୍ୟ ଜୟନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରଝଡ଼ା ପଞ୍ଚାୟତ ସଭାପତି ଶୁଶାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/ marketing.
Apply within 10 days to :
recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ
DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
- Web Offset Machine Operator with minimum 2 years experience.
Apply within 10 days to :
recruitment@dharitri.com
Pay & Perks will be best in the industry for deserving candidates.

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22
No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com
Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

